# Akashvani, Sambalpur

## SAMBALPURI NEWS MORNING BULLETIN

## 5 March 2026 - 6.47- 6.52 am.

---

ଅମିତ୍ ଶାହା-ଓଡ଼ିଶା ଗସ୍ତ          କଟକ୍ ସମ୍ବାଦଦାତା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏଜ୍‌ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଶ୍ରୀ ଶାହା ଆଏଜ୍ ବେଲ୍‌ବୁନେ ଭୁବ୍‌ନେଶ୍ୱର୍ ନ ପୁହୁଁଚିବେ । ଆଏବାକାଏଲ୍ ସଖାଲେ କଟକ୍ ମୁଣ୍ଡୁଲିଠାନେ ଥିବା ସିଆଇଏସ୍‌ଏଫ୍‌ର ଥାପ୍‌ନା ଦିବସ୍ ସମାରୋହଥି ଶ୍ରୀ ଶାହା ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଉପର୍‌ବେଲା ଜଟଣୀ ଠାନେ ଜାତୀୟ ଫରେନ୍‌ସିକ୍ ବିଜ୍ଞାନ୍ ବିଶ୍ୱବିଦ୍ୟାଳୟ ଆଉ କେନ୍ଦ୍ରୀୟ ଫରେନ୍‌ସିକ୍ ବିଦ୍ୟାଳୟ ପରୀକ୍ଷାଗାରର୍ ଭୁବ୍‌ନେଶ୍ୱର୍ କେମ୍ପସ୍ ଲାଗି ଭୂମିପୂଜନ୍ କର୍‌ବେ । ତାର୍‌ଉତ୍‌ରୁ ଭୁବ୍‌ନେଶ୍ୱର୍  ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ନ୍ୟାୟସଂହିତା ପ୍ରଦର୍ଶନୀକେ ଉଦ୍‌ଘାଟନ୍ କର୍‌ବେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ରାଜ୍ୟ ସଭା ନିର୍ବାଚନ          ଆର୍‌ଏନ୍‌ୟୁ/ ସମ୍ବଲପୁର

୧୦ଟା ରାଜ୍ୟର୍ ୩୭ଟା ରାଜ୍ୟ ସଭା ଆସନ୍ ଲାଗି ଆଏଜ୍ ନାମାଙ୍କନ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ଆଏ । ୬ ତାରିଖ୍ ଦିନ ପ୍ରାର୍ଥିପତ୍ର ଯାଂଚ୍ କରାଯିବାର୍ ସଙ୍ଗେ ୯ ତାରିଖ୍‌କେ ନାମାଙ୍କନ ପ୍ରତ୍ୟାହାରର୍ ଶେଷ୍ ଦିନ୍ ରଖାଯାଇଛେ । ଆଏବା ୧୬ ତାରିଖ୍ ଦିନ ଇ ଆସନ୍‌ମାନ୍‌କର୍ ଲାଗି ଭୋଟ୍ ହେବା । ୩୭ଟା ଆସନ୍ ଭିତ୍‌ରୁ ଓଡ଼ିଶାର୍ ୪ଟା ଆସନ୍ ଲାଗି ମତଦାନ୍ ହେବା । ରାଜ୍ୟସଭା ନିର୍ବାଚନ୍ ଲାଗି ବିଜେପି ତର୍‌ଫୁ ଦଲର୍ ରାଜ୍ୟ ସଭାପତି ମନମୋହନ ସାମଲ ଆଉ ରାଜ୍ୟସଭା ସାଂସଦ୍ ସୁଜିତ୍ କୁମାରଙ୍କର ନାଁ ଘୋଷଣା କରାଯାଇଛେ ।

ଓଡ଼ିଶା ହୋମ୍-ଷ୍ଟେ ୱାର୍କସପ୍        ହି.ସ.

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଏଜ୍ ଓଡ଼ିଶା ହୋମ୍-ଷ୍ଟେ ୱ୍ୱାର୍କସପ୍ ଆଉ ଗୋ-ହୋମ୍ଷ୍ଟେ ପୋର୍ଟାଲ୍‌ର ଶୁଭାରମ୍ଭ୍ କର୍‌ବେ । ଦିନର୍ ୧୦ ବଜେ ଭୁବନେଶ୍ୱର୍‌ର ଗୁଟେ ଖାସ୍ ସମାରୋହଥି ଇତାର୍ ଶୁଭାରମ୍ଭ କରାଯିବା । ଇ ଅବ୍‌ସରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଭିଲ୍ ଉପସ୍ଥିତ୍ ରହେବେ ।

ମହିଳା ଜନଶୁଣାଣି        ଆଇ.ଆଣ୍ଡ୍.ପି.ଆର୍

ମହିଳାମାନ୍‌କର୍ ଅଧିକାର୍ କଲ୍ୟାଣ୍ ଆଉ ଅଲ୍‌ଗା ସମସ୍ୟା ସାଙ୍ଗେ ଜଡ଼ିତ ଅଭିଯୋଗ୍ ମାନ୍‌କର୍ ଶୁଣାଣି ଲାଗି ଆଏବା କାଏଲ୍ ସଖାଲର୍ ୧୦ ବଜେ ଜନଶୁଣାଣି କାର୍ଯ୍ୟକ୍ରମ୍ ହେବା । ଜାତୀୟ ମହିଳା ଆୟୋଗ୍ ଆଉ ରାଜ୍ୟ ମହିଳା ଆୟୋଗ୍‌ର ମିଲିତ୍ ସହଯୋଗ୍‌ଥି ଭୁବ୍‌ନେଶ୍ୱର୍ ଲକ୍ଷ୍ମୀସାଗର୍ ନ ଥିବା ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନ୍ ସଭାଗୃହ ନ ହେବାର୍‌କେ ଥିବା ଜନଶୁଣାଣିଥି ଅଭିଯୋଗ୍ ମାନ୍‌କର୍ ସମାଧାନ୍ ଲାଗି ଅଭିଯୋଗ୍‌କାରୀ ମହିଳା ଆଉ ଅଲ୍‌ଗା ପକ୍ଷ ମାନେ ଉପସ୍ଥିତ ରହିକରି ନିଜର୍ ପକ୍ଷ

ଉପସ୍ଥାପନ୍ କରିପାର୍‌ବେ । ଇତାର୍ ସୁଯୋଗ୍ ନେବାର୍‌କେ ଆୟୋଗ୍ ତର୍‌ଫୁ ନିବେଦନ୍ କରାଯାଇଛେ ।

ମାଓ ଅଭିଯାନ୍       ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ୨୦୨୬ ତକ୍ ଦେଶ୍‌କେ ମାଓ ମୁକ୍ତ କର୍‌ବାର୍ ଲକ୍ଷ୍ୟ ରଖିଛନ୍ । ରାଜ୍ୟ ସର୍‌କାର୍ ଭିଲ୍ ଇଥିର୍‌ଲାଗି ପଦକ୍ଷେପ୍ ନେଉଛନ୍ । କନ୍ଧମାଲ୍ ଜିଲ୍ଲାର୍ ମାଓ ପ୍ରବଣ୍ ଇଲାକା ମାନ୍‌କେ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ । ଦୁର୍ଦ୍ଧାନ୍ତ ମାଓନେତା ଶୁକ୍ରୁକେ ଧର୍‌ବାର୍ ଲାଗି ସୁରକ୍ଷା ବାହିନୀ ଡ୍ରୋନ୍ ଜରିଏ ତଲାସୀ ଅଭିଯାନ୍‌କେ ଜୋର୍‌ଦାର୍ କରିଛନ୍ । ଇ ମାସର୍ ଶେଷ୍‌ତକ୍ ଓଡ଼ିଶାକେ ମାଓମୁକ୍ତ ରାଜ୍ୟ ବନାବାର୍ ଲାଗି ଚେରେଷ୍ଟା ଜାରି ରହିଛେ । ଆତ୍ମ ସମର୍ପଣ୍ ସହେତେ ସମାଜ୍‌ର ମୁଖ୍ୟ ସ୍ରୋତଥି ସାମିଲ୍ ହେବାରକେ ପୁଲିସ୍ ବିଭାଗ୍ ତର୍‌ଫୁ ନିବେଦନ୍ କରାଯାଇଛେ ।

ସେଆଡ଼େ ଗଲା ୨ ତାରିଖ୍ ଦିନ ବର୍‌ଗଡ଼୍ ଆଉ ବଲାଙ୍ଗିର୍ ଜିଲ୍ଲାକେ ନକ୍ସଲ୍ ମୁକ୍ତ ଜିଲ୍ଲା ଭାବେ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଘୋଷ୍‌ନା କରିଥିଲେ ।

ବନକ ଲାଗି ନୀତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଇତ୍ ମାସର୍ ଅନ୍ଧାର ପଖର୍ ଦ୍ୱିତୀୟା ତିଥି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର ନ ମାହାପୁରମାନ୍‌କର ବନକଲାଗି ନୀତି ହେବା । ଇଟା ଗୁଟେ ଗୁପ୍ତ ନୀତି ହେଇଥିବାର୍‌ନୁ ସଞ୍ଜବେଲର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ସର୍ବ ସାଧାରଣ ଦର୍ଶନ୍ ବନ୍ଦ ରହେବା ବଲି ଶ୍ରୀମନ୍ଦିର ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଅନନ୍ୟ ଅସ୍ମିତା ଲିଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଆଏବା ୮ ତାରିଖ୍ ସାରା ଦେଶେ ଅନନ୍ୟ ଅସ୍ମିତା ଲିଗ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା

ବଲି କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼୍‌ସେ ଘୋଷ୍‌ନା କରିଛନ୍ । ଇ ଲିଗ୍ ଦେଶର୍ ଅଢ଼େଶ ଟା କେନ୍ଦ୍ର ନ କରାଯିବା । ରାଜ୍ୟର୍ ବଲାଙ୍ଗିର୍ ସହେତେ ୭ ଟା ଜିଲ୍ଲା ନ ଭିନ୍ ଭିନ୍ ବୟସ୍ ବର୍ଗଥି କ୍ରୀଡ଼ା ପ୍ରତିଯୋଗିତା ମାନ୍ କରାଯିବା । ଖେଲ୍‌କେ କେରିଅର୍ ଭାବେ ଗ୍ରହଣ୍ କର୍‌ବାର୍ କ୍ଷେତ୍ରଥି ଗ୍ରାମାଂଚଲ୍ ଆଉ ଛୋଟ୍ ଛୋଟ୍ ସହରର୍ ଟୁକେଲ୍ ଛୁଆମାନ୍‌କୁ ଆକର୍ଷିତ୍ କର୍‌ବାର୍ ଇ କାର୍ଯ୍ୟକ୍ରମ୍‌ର ମୁଖ୍ୟ ଉଦ୍ଦେଶ୍ୟ ଆଏ ।

ଇଗ୍ନୋ ନାଁଲେଖା ସମିଆ ବଢ଼୍‌ଲା      ଆର୍‌ଏନ୍‌ୟୁ/ କଟକ

ଚଲ୍‌ତି ଶିକ୍ଷାବଛରଥି ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋ ପାଠ୍ୟକ୍ରମଥି ନାଁ ଲେଖାବାର ସମିଆକେ ଆଏବା ୧୫ ତାରିଖ୍‌ତକ୍ ବଢ଼ାଯାଇଛେ । ଇଚ୍ଛୁକ୍ ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁ ଲେଖାବାର୍ ଲାଗି ଇଗ୍ନୋର୍ ୱେବ୍‌ସାଇଟ୍ www.ignou.ac.in ଥି ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ପାଇପାର୍‌ବେ ।

ଟି-୨୦ ବିଶ୍ୱକପ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ଆଏଜ୍ ଭାରତ୍ ଆଉ ଇଂଲଣ୍ଡ୍ ଭିତ୍‌ରେ ଦୁଇ ନମ୍ବର୍ ସେମି ଫାଇନାଲ୍ ମେଚ୍ ଖେଲାଯିବା । ବେଲ୍‌ବୁଡ଼ର୍ ୭ ବଜେ ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡ଼ିୟମ୍ ନ ମେଚ୍ ଖେଲାଯିବା । ଆଝିରର୍ ମେଚ୍‌ଥି ବିଜୟୀ ଦଲ୍ ଆଏବା ୮ ତାରିଖ୍ ଦିନ ହେବାର୍‌କେ ଥିବା ଫାଇନାଲ୍ ମେଚ୍‌ଥି ନ୍ୟୁଜିଲାଣ୍ଡ୍ ଦଲ୍‌କେ ଭେଟ୍‌ବା ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ହେଇଥିବା ପହେଲା ସେମିଫାଇନାଲ୍ ମେଚ୍‌ଥି ନ୍ୟୁଜିଲାଣ୍ଡ୍ ଦଲ୍ - ଦକ୍ଷିଣ୍ ଆଫ୍ରିକା ଦଲ୍‌କେ ୯ ୱିକେଟ୍‌ଥି ହରେଇକରି ଫାଇନାଲ୍‌କେ ଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ପାଗ୍ ଶୁଖା ରହେବା । ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା ବଲି

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ । ରାଜ୍ୟର୍ ବଡ଼ଭାଗି ଜାଗା ନ ଗଲାକାଏଲ୍ ଦିନର୍ ତାପମାତ୍ର ୩୫ ଡିଗ୍ରୀ ଉପ୍ରେ ରହିଥିଲା । ଝାରସୁଗୁଡ଼ା ନ ରାଜ୍ୟର୍ ସବୁନୁ ଜହ ଦିନର୍ ତାପମାତ୍ରା ୩୯ ଦଶ୍ମିକ୍ ୬ ଡିଗ୍ରୀ ସେଲ୍ସିୟସ୍ ରେକର୍ଡ କରାଯାଇଥିଲା ।